# Akashvani, Sambalpur

## SAMBALPURI NEWS EVENING BULLETIN

## 24 April 2024- 7.02 pm- 7.12 pm.

*********************************************

୧- ବ୍ରହ୍ମପୁର୍, କଲାହାଣ୍ଡି, ନବରଙ୍ଗ୍‌ପୁର୍ ଆର୍ କୋରାପୁଟ୍ ଲୋକ୍‌ସଭା କ୍ଷେତ୍ର ଲାଗି ଆଏବା କାଏଲ୍ ହେଉଛେ ନାମାଙ୍କନ୍ ପତ୍ର ଦାଖଲ୍‌ର ଶେଷ୍ ଦିନ୍ ।

୨- ପଂଚାୟତିରାଜ୍ ସଂସ୍ଥାମାନ୍‌କୁ ବର୍‌କସ୍ କର୍‌ବାର୍ ଲାଗି ଆଏଜ୍ ଦେଶେ ପାଲିତ୍ ହେଉଛେ ଜାତୀୟ ପଂଚାୟତିରାଜ୍ ଦିବସ୍ ।

୩- ଜବର୍ ଖରା ଲାଗି ପୂର୍ବତଟ ରେଲ୍‌ବାଇ ତର୍‌ଫୁ ୯ ଟା ଷ୍ଟେସନ୍ ନ କମ୍‌ଦାମ୍‌ଥି କରାଯାଇଛେ ଖାଏବାର୍ ବ୍ୟବସ୍ଥା ।

ଆଉର୍

୪- ରାଏଜେ ଆଉ ୪ ଦିନ୍‌ତକ୍ ଜାରି ରହେବା ଗ୍ରୀଷ୍ମପ୍ରବାହ ।

- ୪ ନୁ ୬ ଡିଗ୍ରୀତକ୍ ତାତି ବଢ଼୍‌ବାର୍ ଅନୁମାନ୍ କଲା ପାଣିପାଗ୍ ବିଭାଗ୍ ।

୪ ନମ୍ବର୍ ଖେପ୍ ଲୋକ୍‌ସଭା ନିର୍ବାଚନ ଆର୍‌ଏନ୍‌ୟୁ/ କଟକ୍

୪ ନମ୍ବର୍ ଖେପ୍ ଲୋକ୍‌ସଭା ନିର୍ବାଚନ୍ ଲାଗି ଆଏବା କାଏଲ୍ ନାମାଙ୍କନ୍ ପତ୍ର ଦାଖଲ୍‌ର ଶେଷ୍ ଦିନ୍ ଆଏ । ଇ ଖେପେ ଓଡ଼ିଶା ସହେତେ ୧୦ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଇଲାକାର୍ ମୋଟ୍ ୯୬ ଟା ଲୋକ୍‌ସଭା ଆସନ୍ ଲାଗି ଭୋଟ୍ ହେବା । ଓଡ଼ିଶାର୍ କଲାହାଣ୍ଡି, ନବରଙ୍ଗ୍‌ପୁର୍, ବ୍ରହ୍ମପୁର୍ ଆର୍ କୋରାପୁଟ୍ ଲୋକ୍‌ସଭା ଆସନ୍ ଆଉ ଇତାର୍ ଅଧିନ୍‌ଥି ଥିବା ବିଧାନ୍‌ସଭା ଆସନ୍ ଲାଗି ଆଏବା ମାସର୍ ୧୩ ତାରିଖ୍ ଦିନ ଭୋଟ୍ ହେବା । ସେନ୍ତା ୨ ନମ୍ବର୍ ଖେପ୍ ଲୋକ୍‌ସଭା ନିର୍ବାଚନ୍ ଲାଗି ଆଏଜ୍ ପ୍ରଚାର୍ କାମ୍ ଶେଷ୍ ହେଉଛେ । ଆଏବା ୨୬ ତାରିଖ୍ ଶୁକ୍ରବାର୍ ଦିନ ୧୨ ଟା ରାଜ୍ୟ ଆଉ ଗୁଟେ କେନ୍ଦ୍ରଶାସିତ୍ ଇଲାକାର୍ ୮୯ ଟା ଲୋକ୍‌ସଭା ଆସନ୍‌ଥି ଭୋଟ୍ ହେବା । ସଖାଲର୍ ୭ ବଜେନୁ ମତଦାନ୍ ଆରମ୍ଭ୍ ହେଇକରି ସଞ୍ଝର ୫ ବଜେତକ୍ ଚାଲ୍‌ବା । ସେଆଡ଼େ ୩ ନମ୍ବର୍ ଖେପ୍ ଲୋକ୍‌ସଭା ନିର୍ବାଚନ୍ ଲାଗି ପ୍ରାର୍ଥୀପତ୍ର ଯାଂଚ୍ ଆଉ ପ୍ରତ୍ୟାହାର୍ ଉତ୍‌ରୁ ୧୨ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଇଲାକା ନ ୧ ହଜାର୍ ୩ ଶହ ୫୧ ଝନ୍ ପ୍ରାର୍ଥୀ ଭୋଟ୍ ଲଢୁଥିବା ଭାରତୀୟ ନିର୍ବାଚନ୍ କମିଶନ୍‌ଙ୍କର୍ ତର୍‌ଫୁ କୁହାଯାଇଛେ ।

ମୁଖ୍ୟମନ୍ତ୍ରୀ- ନିର୍ବାଚନୀ ସଭା ଆର୍ଏନ୍ୟୁ/ କଟକ୍

ବିଜେଡ଼ି ସଭାପତି ନବୀନ୍ ପଟ୍ଟନାୟକ୍ ଆଏଜ୍ ୨ ଟା ନିର୍ବାଚନୀ ସଭାଥି ଯୋଗ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ୍ ଆଏଜ୍ ଗଞ୍ଜାମ୍ ହିଞ୍ଜିଳି ନିର୍ବାଚନ୍ ମଣ୍ଡଲୀନୁ ନିର୍ବାଚନ୍ ପ୍ରଚାର୍ ମୁଲ୍ କରିଛନ୍ । ଶେରଗଡ଼ ନ ଗୁଟେ ସାଧାରଣ ସଭାଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଆଏବା ୨୦୩୬ ମସିହାଥି ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟର୍ ମାନ୍ୟତା ଶହେ ବଛର୍ ପୁରା କର୍ବା । ସେତେବେଲେ ଓଡ଼ିଶା ଦେଶର୍ ୧ ନମ୍ବର୍ ରାଜ୍ୟ ହେବା । ରାଜନୀତି ବଦ୍ଲା ପ୍ରଗତିକେ ଆଗେଇ ନେବାର୍ ଲାଗି ମୁଖ୍ୟମନ୍ତ୍ରୀ କହିଛନ୍ । ଶ୍ରୀମନ୍ଦିର୍ ପ୍ରକଳ୍ପ, ସମ୍ଲେଇ ପ୍ରକଳ୍ପ ସହେତେ ଅଲ୍ଗା ଉନ୍ନୟନ୍ମୂଲକ୍ ପ୍ରସଙ୍ଗ ବାବ୍ଦେ ଉଦ୍ବୋଧନ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ବିକାଶ୍କେ ବିରୋଧ କରିକରି ଉନ୍ନତି ଆଉ ସଫଲତା ହାସଲ୍ ନାଇଁ କରାଯାଇପାରେ ।

ଅମିତ୍ ଶାହା ଓଡ଼ିଶା ଗସ୍ତ ଆର୍ଏନ୍ୟୁ/ କଟକ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଏବାକାଏଲ୍ ଓଡ଼ିଶା ଗସ୍ତଥି ଆସିକରି ସୋନ୍‌ପୁର୍ ନ ଗୁଟେ ନିର୍ବାଚନୀ ସଭାଥି ଯୋଗ୍ ଦେବେ । ଇତାର୍‌ଉତ୍‌ରୁ ସେ ଭୁବ୍‌ନେଶ୍ୱର୍ ଯାଇକରି ସେନ ଦଲୀୟ ନେତାମାନ୍‌କର୍ ସାଙ୍ଗେ ନିର୍ବାଚନର୍ ଥିତି ବାବ୍‌ଦେ ଆଲୋଚନା କର୍‌ବେ ।

ବିଜେପି ଚାର୍ଜସିଟ୍          ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ଜନତା ପାର୍ଟି ତର୍‌ଫୁ ଭୁବ୍‌ନେଶ୍ୱର୍ ନ ରାଜ୍ୟ କାର୍ଯ୍ୟାଲୟଥି କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ୍ ଗଣମାଧ୍ୟମ୍‌କେ କହିଛନ୍ ଯେ, ରାଜ୍ୟ ସର୍‌କାର୍‌ଙ୍କର୍ ଅନ୍ୟାୟ, ଦୁର୍ନୀତି ଆଉ ଅଗଣତାନ୍ତ୍ରିକ ଶାସନ୍ ବ୍ୟବସ୍ଥା ମାତ୍ରାଧିକ ବଢ଼ିଛେ । ଦଲ୍ ତର୍‌ଫୁ ବିଜେଡ଼ି ସର୍‌କାର୍‌ଙ୍କର୍ ବିରୋଧିଥି କେନ୍ଦ୍ରମନ୍ତ୍ରୀଙ୍କର୍ ଉପସ୍ଥିତିଥି ପିଇବାର୍ ପାନିନୁ ନେଇକରି ଶିକ୍ଷା, ସ୍ୱାସ୍ଥ୍ୟ ତକ୍ ପ୍ରସଙ୍ଗକେ ଆଧାର୍ କରିକରି ଦଲ୍ ତର୍‌ଫୁ ଗୁଟେ ଚାର୍ଜସିଟ୍ ଜାରି କରାଯାଇଛେ ।

ଜାତୀୟ ପଂଚାୟତ୍‌ରାଜ୍          ଆର୍‌ଏନ୍‌ୟୁ କଟକ୍

ପଂଚାୟତିରାଜ୍ ସଂସ୍ଥା ମାନ୍କେ ଅଏତ୍କା ବର୍କସ୍ କର୍ବାର୍ ସହେତେ ଲୋକ୍ମାନ୍କୁ ବିକାଶ୍ମୂଲକ୍ କାମ୍ଥି ଭାଗିଦାରୀ କର୍ବାର୍ ଲାଗି ଦେଶେ ଆଏଜ୍ ଜାତୀୟ ପଂଚାୟତ୍ରିାଜ୍ ଦିବସ୍ ପାଲନ୍ କରାଯାଉଛେ । କ୍ଷମତାର୍ ବିକେନ୍ଦ୍ରୀକରଣ୍ କରିକରି ଇତାକେ ତୃଣମୂଲ୍ ସ୍ତର୍ଥି ପୁହୁଁଚାବାର୍ ଲାଗି ୧୯୯୨ ମସିହାଥି ୭୩ ନମ୍ବର୍ ସମ୍ବିଧାନ୍ ସଂଶୋଧନ୍ ଅଧିନିୟମ୍ ଜରିଆଥି ପଂଚାୟତିରାଜ୍ ବ୍ୟବସ୍ଥା ସୃଷ୍ଟି କରାଯାଇଥିଲା । ୧୯୯୩ ମସିହା ଏପ୍ରିଲ୍ ୨୪ ତାରିଖ୍ ଦିନୁ ଇଟା କାର୍ଯ୍ୟକାରୀ ହେଇଥିଲା । ଦେଶେ ପଂଚାୟତିରାଜ୍ ବ୍ୟବସ୍ଥାର୍ ତଦାରଖ୍ ଲାଗି ୨୦୦୪ ମସିହା ମେ ମାସର୍ ୨୭ ତାରିଖ୍ ନୁ ସ୍ୱତନ୍ତ୍ର ପଂଚାୟତିରାଜ୍ ମନ୍ତ୍ରଣାଳୟ ଗଠନ୍ କରାଯାଇଥିଲା । ୨୦୧୦ ମସିହାନୁ ଆଝିର୍ ଦିନ୍କେ ଜାତୀୟ ପଂଚାୟତ୍ରିାଜ୍ ଦିବସ୍ ଭାବେ ପାଲନ୍ କରାଯାଉଛେ ।

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ପଂଚାୟତ୍ରିାଜ୍ ଦିବସ୍ ଅବ୍ସରେ ଦେଶ୍ବାସୀଙ୍କୁ ଅଭିନନ୍ଦନ୍ ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ଥି ପୋଷ୍ଟ୍ କରିକରି ଶ୍ରୀ ମୋଦୀ ଲୋକ୍ମାନ୍କୁ ଗୁଟେ ଉନ୍ନତମାନର ଜୀବନ୍ ଧାରଣ ଯୁଗେଇ ଦେବାର୍ ଆଉ ଦେଶର୍ ଗାଁଗହଲିକେ ତୃଣମୂଲ୍ସ୍ତର୍ଥି ରୂପାନ୍ତରଣ୍ କର୍ବାର୍ ପ୍ରକ୍ରିୟାଥି କାମ୍ କରୁଥିବା ଫିଲ୍ଡ୍କର୍ କାମ୍କେ ପ୍ରଶଂସା କରିଛନ୍ ।

## ରେଲ୍‌ବାଇ-କମ୍ ଦାମ୍‌ଥି ଖାଏବା ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ଜବର୍ ଖରାକେ ନଜର୍‌ଥି ରଖିକରି ପୂର୍ବତଟ ରେଲ୍‌ପଥର ପରିସୀମା ଭିତ୍‌ରେ ଥିବା ଖୋର୍ଦ୍ଧାରୋଡ୍, ସମ୍ବଲ୍‌ପୁର୍, ଟିଟିଲାଗଡ୍, ବଲାଙ୍ଗିର୍, କଂଟାବାଞ୍ଜି, ପଲାସା, ବିଶାଖାପାଟ୍‌ନମ୍, ବିଜୟନଗରମ୍ ଆଉ ଶ୍ରୀକାକୁଲମ୍ ରେଲ୍‌ଷ୍ଟେସନ୍ ମାନ୍‌କେ ଯାତ୍ରୀମାନ୍‌କୁ କମ୍ ଦାମ୍‌ଥି ଖାଏବାର୍ ଜିନିଷ୍ ଯୁଗେଇ ଦିଆଯାଉଛେ । ଇଟାକେ ସୁନିଶ୍ଚିତ୍ କର୍‌ବାର୍‌କେ ପ୍ଲାଟ୍‌ଫର୍ମ ନ ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍ ପାଖେ ଖାଦ୍ୟ କାଉଂଟର୍ ରହିଛେ । ଯାତ୍ରୀମାନେ ଇ କାଉଂଟର୍‌ନୁ ସେମାନ୍‌କର୍ ଲାଗି ସୁଲଭ ଆଉ କମ୍‌ଦାମ୍‌ଥି ଖାଏବାର୍‌ଟା ଘିନିପାର୍‌ବେ ।

## ଇ-ସର୍ଭିସ୍ ବୁକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ଅଧୀନ୍‌ଥି କାମ୍ କରୁଥିବା କର୍ମଚାରୀମାନ୍‌କୁ ସେମାନ୍‌କର୍ ବାବଦ୍ ସଂକ୍ଷିପ୍ତ ତଥ୍ୟ ଇ-ସର୍ଭିସ୍ ବୁକ୍ - ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲ୍‌ଥି ଅପ୍‌ଡେଟ୍ କର୍‌ବାର୍ କାମ୍ ଆଏବା ଅଗଷ୍ଟ ୧୬ ତାରିଖ୍‌ତକ୍ ବଢ଼ାଯାଇଛେ । ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍

ବିଭାଗ୍ ତର୍ଫୁ ରାଜ୍ୟର୍ ସବୁ ବିଭାଗ୍ର ସଚିବ, ସବୁ ବିଭାଗୀୟ ମୁଖ୍ୟ ଆଉ ସବୁ କମିଶନ୍ଙ୍କୁ ଫେର୍ଘାଏ ଜନେଇ ଦିଆଯାଇଛେ । ଆଘୋନୁ ଇଟା ଇ ମାସର୍ ୧୫ ତାରିଖିତକ୍ ସାର୍ବାର୍କେ ରାଜ୍ୟ ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍ଫୁ ବିଜ୍ଞପ୍ତି ବାହାରିଥିଲା ।

ବର୍ଗଡ଼୍- ନିର୍ବାଚନ ଆର୍ଏନ୍ୟୁ/ କଟକ୍

ବର୍ଗଡ଼୍ ଜିଲ୍ଲା ନ ଆଏବା ଲୋକ୍ସଭା ଆଉ ୫ ଟା ବିଧାନ୍ସଭା ଆସନ୍ ଲାଗି ମେ ମାସର୍ ୨୦ ତାରିଖ୍ ଦିନ ଭୋଟ୍ ହେବା । ଜିଲ୍ଲା ନ ମୁକ୍ତ, ଅବାଧ ଆଉ ନିରପେକ୍ଷ ନିର୍ବାଚନୀ ପରିଚାଲନା ଲାଗି ଜିଲ୍ଲା ପ୍ରଶାସନ୍ ତର୍ଫୁ ବ୍ୟାପକ୍ ପଦକ୍ଷେପ୍ ନିଆଯାଇଛେ । ବର୍ଗଡ଼୍ ଜିଲ୍ଲା ନ ନିର୍ବାଚନୀ ଥିତି ବାବ୍ଦେ ତଥ୍ୟକେ ନେଇକରି ଆମର୍ ସମ୍ବାଦଦାତା ଉମେଶ୍ ଚନ୍ଦ୍ର ବିଶ୍ୱାଲ୍ଙ୍କର୍ ରିପୋର୍ଟ ...

(ଭଏସ୍ ଓଭର୍-ଉମେଶ୍ ଚନ୍ଦ୍ର ବିଶ୍ୱାଲ୍)

ସମ୍ବଲପୁର- ଡିଏଲ୍ପିସି ବୈଠକ୍ ସମ୍ବଲ୍ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଜିଲ୍ଲାସ୍ତରୀୟ ରବି ଧାନ୍ କ୍ରୟ କମିଟି ବୈଠକ୍ ହେଇଯାଇଛେ । ଆଏବା ମାସ ୧୦ ତାରିଖ୍‌ନୁ ଇ ବଛ୍‌ରର୍ ରବି ଧାନ୍ ଘିନ୍‌ବାର୍ ଲାଗି ବୈଠକ୍‌ଥି ଥିର୍ କରାଯାଇଛେ । ଇଥିର୍‌ଲାଗି ଇ ବଛର୍ ଜିଲ୍ଲା ନ ୬୧ ଟା ମଣ୍ଡି ଖୁଲ୍‌ବାର୍ ଲାଗି ନିଷ୍ପତି ହେଇଛେ । ଏବ୍‌ତକ୍ ୧୫ ହଜାର୍‌ନୁ ଅଏତ୍‌କା ଚାଷୀ ଧାନ୍ ବିକ୍‌ବାର୍ ଲାଗି ନାଁ ପଞ୍ଜିକରଣ୍ କରିଛନ୍ । ସଖାଲର୍ ୬ ନୁ ୧୧ ବଜେ ଭିତ୍‌ରେ ଧାନ୍ ଘିନାଯିବା ବଲି ଜିଲ୍ଲାପାଲ୍ କହିଛନ୍ ।

ବୃତିଗତ ବିକାଶ୍ ତାଲିମ୍ ଶିବିର — ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ ଲୋହରାପାଲି ସର୍‌କାରୀ ଉଚ୍ଚବିଦ୍ୟାଲୟ ନ ୨ ନମ୍ବର୍ ଖେପ୍ ବୃତିଗତ ବିକାଶ୍ ତାଲିମ୍ ଶିବିର ଚାଲିଛେ । ଜିଲ୍ଲା ଶିକ୍ଷକ୍ ପ୍ରଶିକ୍ଷଣ ପ୍ରତିଷ୍ଠାନ୍‌ର ଦେଖ୍‌ରେଖ୍‌ଥି ମୁଲ୍ ହେଇଥିବା ଇ ଶିବିର୍‌ଥି ଖଡ଼ିଆଲ୍, ବୋଡ଼େନ୍ ଆଉ ସିନାପାଲି ପ୍ରାଥମିକ ଆଉ ଉଚ୍ଚପ୍ରାଥମିକ ବିଦ୍ୟାଲୟର୍ ଶହେ ନୁ ଅଏତ୍‌କା ପ୍ରଧାନ୍ ଶିକ୍ଷକ୍, ଶିକ୍ଷୟିତ୍ରୀ ଭାଗ୍ ନେଇଛନ୍ । ଆଏବା ଶୁକ୍ରବାର୍ ଦିନତକ୍ ଇ ଶିବିର ଚାଲ୍‌ବା ।

ଦେବଗଡ଼୍- ତାଲିମ୍ ଶିବିର ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ପୁଲିଂ ଆଉ ପ୍ରିଜାଇଡିଂ ଅଧିକାରୀମାନ୍‌କୁ ତାଲିମ୍ ଦିଆଯାଉଛେ । ଜିଲ୍ଲା ନିର୍ବାଚନ୍ ଅଧିକାରୀ ସୋମେଶ୍ କୁମାର୍ ଉପାଧ୍ୟାୟଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ପ୍ରଶିକ୍ଷଣ ଶିବିର ନ ଆଏବା ନିର୍ବାଚନ୍‌ଥି ମତଦାନ୍ ପ୍ରକ୍ରିୟାକେ ସରଳ ଆଉ ନିର୍ଭୁଲ୍ କର୍‌ବାର୍ ଲାଗି ତାଲିମ୍ ଦିଆଯାଇଛେ । ଶିବରଥି ୫୨ ଝନ୍ ପୁଲିଂ ଆଉ ପ୍ରିଜାଇଡିଂ ଅଧିକାରୀ ସାଧାରଣ ନିର୍ବାଚନ୍ ପରିଚାଳନା ବାବ୍‌ଦେ ତାଲିମ୍ ନେଉଛନ୍ ।

ରାଜନୈତିକ୍ ଦଲ ପ୍ରତିନିଧି ବୈଠକ ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଠାନେ ଜିଲ୍ଲା ପ୍ରଶାସନ୍ ଆଉ ରାଜନୈତିକ୍ ଦଲର୍ ପ୍ରତିନିଧିମାନ୍‌କୁ ନେଇକରି ଗୁଟେ ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ଆଉ ଜିଲ୍ଲା ନିର୍ବାଚନ୍ ଅଧିକାରୀ ଆଦିତ୍ୟ ଗୋୟେଲ୍ ବୈଠକ୍‌ଥି ଅଧ୍ୟକ୍ଷତା କରିକରି ନାମାଙ୍କନ୍ ପ୍ରକ୍ରିୟା ଆଉ ନାମାଙ୍କନ୍ ସମିଆଥି ଦର୍‌କାରୀ କାଗଜ୍‌ପତର୍ ଆଉ ଜିଲ୍ଲାସ୍ତର୍‌ନୁ ନିର୍ବାଚନ୍ ଖର୍ଚ୍ଚ ମନିଟରିଂ ଲାଗି କରାଯାଇଥିବା ଭିନ୍ ଭିନ୍ ବ୍ୟବସ୍ଥା ବାବ୍‌ଦେ ବୁଝେଇଥିଲେ । ବର୍‌ଗଡ଼୍ ଜିଲ୍ଲା

ନ ଆଏବା ୨୬ ନୁ ମେ ମାସର୍ ୩ ତାରିଖ୍‌ତକ୍ ଛୁଟି ଦିନ୍ ଛଡ଼ା ସଖାଲ୍‌ବେଲା ୧୧ ବଜେନୁ ୩ ବଜେ ଭିତ୍‌ରେ ରିଟର୍ଣ୍ଣିଂ ଅଧିକାରୀମାନ୍‌କର୍ କାର୍ଯ୍ୟାଳୟ ମାନ୍‌କେ ନାମାଙ୍କନ୍ ପତ୍ର ଗ୍ରହଣ୍ କରାଯିବା ।

ନୂଆପଡ଼ା-ସଚେତନତା ପଦଯାତ୍ରା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନିର୍ବାଚନ୍ ବିଭାଗ୍ ତର୍‌ଫୁ ସଚେତନତା ପଦଯାତ୍ରା ହେଇଯାଇଛେ । ଇ ଅବ୍‌ସରେ ନିର୍ବାଚନ୍‌ଥି ସାମିଲ୍ ହେଇକରି ନିଜର୍ ମତାଧିକାର୍ ସାବ୍ୟସ୍ତ କର୍‌ବାର୍ ଲାଗି ଆହ୍ୱାନ୍ ଦିଆଯାଇଛେ । ଇ ପଦଯାତ୍ରାଥି ନେସ୍‌ନାଲ୍ କଲେଜ୍ ଆଉ ନେସ୍‌ନାଲ୍ ହାଇସ୍କୁଲ୍‌ର ଏନ୍‌ସିସି କେଡ଼େଟ୍ ଆଉ ଯୁବ ଭୋଟର୍‌ମାନେ ସାମିଲ୍ ହେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଜବର୍ ଖରା ଜାରି ରହିଛେ । ଆଏବା ଶୁକ୍ରବାର୍‌ନୁ ଖରା ବଢ଼୍‌ବା ବଲି ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ । ଇତାର୍ ସହେତେ ଆଏବା ୪ ଦିନ୍ ଭିତ୍‌ରେ ରାଜ୍ୟର୍ ବହୁତ୍‌ଟେ ଜାଗା ନ ଦିନର୍ ତାପମାତ୍ରା ୪ ନୁ ୬

ଡିଗ୍ରୀତକ୍ ବଢ଼୍‌ବାର୍ ସମ୍ଭାବନା ରହିଛେ । ଆଏଜ୍ ରାଜ୍ୟର୍ ସବୁନୁ ଅଏତ୍‌କା ତାତି ଭୁବ୍‌ନେଶ୍ୱର୍ ଆର୍ ନୂଆପଡ଼ା ନ ୪୩ ଦଶ୍‌ମିକ୍ ୨ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିବାର୍ ବେଲେ ଝାର୍‌ସୁଗୁଡ଼ା ନ ୪୩ ଦଶ୍‌ମିକ୍ ୧ ଡିଗ୍ରୀ ରହିଥିଲା ।

ସେନ୍ତା ରାଜ୍ୟର୍ ୧୧ ଟା ସହରର୍ ଦିନର୍ ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିଅସ୍ ନୁ ଜହ ରହିଥିବାର୍ ବେଲେ ୨୪ ଟା ସହରର୍ ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ଥିଲା ।